# STATE LOAD DESPATCH CENTRE(SLDC)
## ODISHA POWER TRANSMISSION CORPORATION LIMITED

OPTCL
Lifeline of Odisha
(A Government of Odisha Undertaking)
GRIDCO Colony, PO: Mancheswar Railway Colony, Bhubaneswar
CIN:U40102OR2004SGC007553

## NOTIFICATION FOR FEES AND CHARGES FOR STATE LOAD DESPATCH CENTRE (SLDC) FOR THE FY 2024-25

### SLDC FEES & CHARGES WITH EFFECT FROM 01.04.2024

The Odisha Electricity Regulatory Commission has passed an order on 13.02.2024 in Case No.114/2023 & Case No. 133/2023 (Truing Up for FY 2021-22 & FY 2022-23) with regard to determination of fees & Charges for SLDC functions effective from 01.04.2024.

Pursuant to Regulation 57 of the OERC (Conduct of Business) Regulations, 2004 the SLDC hereby notifies the Schedule of Fees & Charges for its own functions as ordered by Odisha Electricity Regulatory Commission.

### Schedule of Fees and Charges for SLDC functions

**1.** The Fees & Charges for SLDC functions for the F.Y. 2024-25 shall be as under:

**(A)** Recovery of System Operation Charges (SOC) & Market Operation Charges (MOC) for SLDC Functions for the FY 2024-25 shall be as under

**ARR and Annual & Monthly Charges for the FY 2024-25**

**(Rs. Lakh)**

| Sl No. | Particulars | Approved for 2024-25 | |
|---|---|---|---|
| | | Per Annum | Per Month |
| 1. | ARR of SLDC | 1596.078 | 133.007 |
| 2. | Intra-State transmission licensee to pay SOC to SLDC | 127.686 | 10.641 |
| 3. | Generating Companies & Sellers to pay SOC & MOC to SLDC (Rs. Per MW calculated considering scheduled generation/installed capacity of 6330.01MW) | 734.196<br>(Rs.11,598.654 per MW) | 61.183<br>(Rs.966.555 per MW) |
| 4. | Distribution Licensees & Buyers to pay SOC & MOC to SLDC | 734.196 | 61.183 |
| 5. | (i) TPCODL | 244.725 | 20.393 |
| | (ii) TPNODL | 159.649 | 13.304 |
| | (iii) TPWODL | 233.520 | 19.460 |
| | (iv) TPSODL | 96.302 | 8.026 |

SLDC shall raise bill and collect the SOC & MOC from Distribution Licensees, Buyers, Generating Companies (including CGPs) and sellers. SLDC shall also raise bill and collect SOC from Intra-State Transmission Licensee (OPTCL) who will use the services of SLDC.

**(B) Application Fee & Scheduling Charges:** SLDC shall collect the Application fee and Scheduling charges from the Open Access customers as per the provisions of OERC (Terms and Conditions of Intra-State Open Access) Regulations, 2020 for use of Intra-State Transmission System and its associated services.

**(C) Security Deposit:** The Customers other than Distribution Licensees shall pay an amount equivalent to two months' monthly SOC & MOC as the case may be in advance as security deposit against default in payment of SOC & MOC Charges of SLDC.

**(D) Registration Fee:** SLDC shall collect one time Registration Fee of Rs.1.00 Lakh per user for use of Intra-State Transmission System and its associated services.

**(E) Late Payment Surcharge:** In case of payment of bills by any user is made beyond a period of 60 days from the date of billing, a late payment surcharge at the rate of 1.25% per month shall be levied by SLDC on the amount remaining unpaid.

**2.** The Fees & Charges for SLDC functions as mentioned in Para-1 above shall be effective from 01.04.2024 and shall continue till further order of the Commission.

**3.** The detailed order of the Commission shall be available in its website **www.orierc.org** as well as in the website of OPTCL **www.optcl.co.in** and in SLDC website **www.sldcorissa.org.in**.

Sd/-
**Chief Load Despatcher**
**SLDC, OPTCL**

**Bhubaneswar**
**Dated:13.02.2024**

**HIPR-68/2023-24**

# ଷ୍ଟେଟ୍ ଲୋଡ୍ ଡେସ୍ପାଚ୍ ସେଣ୍ଟର (ଏସ୍‌ଏଲ୍‌ଡିସି)
## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)

OPTCL

Lifeline of Odisha

ଗ୍ରୀଡ୍‌କୋ କଲୋନୀ, ପୋ: ମଞ୍ଚେଶ୍ୱର ରେଲୱେ କଲୋନୀ, ଭୁବନେଶ୍ୱର - ୭୫୧୦୧୭, ଓଡ଼ିଶା

**CIN : U40102OR2004SGC007553**


### ଆର୍ଥିକ ବର୍ଷ ୨୦୨୪-୨୫ ନିମନ୍ତେ ଷ୍ଟେଟ ଲୋଡ ଡେସ୍ପାଚ ସେଣ୍ଟର (ଏସ୍‌ଏଲ୍‌ଡିସି) ପାଇଁ ଫି ଏବଂ ଶୁଳ୍କ ସମ୍ବନ୍ଧୀୟ ବିଜ୍ଞପ୍ତି ତା. ୦୧.୦୪.୨୦୨୪ ରିଖରୁ ଲାଗୁହେବା ନିମନ୍ତେ ଏସ୍‌ଏଲ୍‌ଡିସି ଫି ଏବଂ ଶୁଳ୍କ

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ତା. ୧୩.୦୨.୨୦୨୪ ରିଖରେ ମାମଲା ସଂଖ୍ୟା ୧୧୪/୨୦୨୩ ଏବଂ ୧୩୩/୨୦୨୩ (ଟ୍ରୁଇଂ ଅପ୍ ଆର୍ଥିକ ବର୍ଷ ୨୦୨୧-୨୨ ଏବଂ ୨୦୨୨-୨୩) ରେ ତା. ୦୧.୦୪.୨୦୨୪ ରିଖରୁ ଲାଗୁ ହେବା ନିମନ୍ତେ ଏସ୍‌ଏଲ୍‌ଡିସି କାର୍ଯ୍ୟ ପାଇଁ ଫି ଓ ଶୁଳ୍କ ନିର୍ଦ୍ଧାରଣ ସମ୍ବନ୍ଧୀୟ ଆଦେଶନାମା ପ୍ରଦାନ କରିଛନ୍ତି। ଓଇଆର୍‌ସି (ବ୍ୟବସାୟ ପରିଚାଳନା) ବିନିୟମ, ୨୦୦୪ ଅନ୍ତର୍ଗତ ବିନିୟମ ୫୭ ଅନୁଯାୟୀ ଏସ୍‌ଏଲ୍‌ଡିସି ଏତଦ୍ୱାରା ନିଜର କାର୍ଯ୍ୟ ନିମନ୍ତେ ଫି ଏବଂ ଶୁଳ୍କ ତାଲିକାର ପ୍ରକାଶନ କରୁଅଛି।

### ଏସ୍‌ଏଲ୍‌ଡିସି କାର୍ଯ୍ୟ ନିମନ୍ତେ ଫି ଏବଂ ଶୁଳ୍କ ତାଲିକା

**୧.** ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଏସ୍‌ଏଲ୍‌ଡିସି କାର୍ଯ୍ୟ ନିମନ୍ତେ ଫି ଏବଂ ଶୁଳ୍କ ନିମ୍ନମତେ ହେବ।

**(କ) ଏସ୍‌ଏଲ୍‌ଡସି କାର୍ଯ୍ୟ ସମ୍ପାଦନ ନିମନ୍ତେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବ୍ୟବସ୍ଥା ପରିଚାଳନା ଶୁଳ୍କ(ଏସ୍‌ଓସି) ଓ ବଜାର ପରିଚାଳନା ଶୁଳ୍କ (ଏମ୍‌ଓସି) ଭରଣା ନିମ୍ନମତେ ହେବ।**

### ଆର୍ଥିକ ବର୍ଷ ୨୦୨୪-୨୫ ନିମନ୍ତେ ଏଆର୍‌ଆର୍ ଓ ବାର୍ଷିକ ଏବଂ ମାସିକ ଶୁଳ୍କ

(ଟଙ୍କା ଲକ୍ଷରେ)

| କ୍ରଂ. ସଂ. | ବିବରଣୀ | ଆର୍ଥିକବର୍ଷ ୨୦୨୪-୨୫ ପାଇଁ ମଞ୍ଜୁର | |
|---|---|---|---|
| | | ବାର୍ଷିକ | ମାସିକ |
| ୧. | ଏସ୍‌ଏଲ୍‌ଡିସି ର ଏଆର୍‌ଆର୍ | ୧୫୯୬.୦୭୮ | ୧୩୩.୦୦୭ |
| ୨. | ଆନ୍ତଃରାଜ୍ୟ ସରବରାହ ଲାଇସେନ୍ସଧାରୀ ବ୍ୟବସ୍ଥା ପରିଚାଳନା ଶୁଳ୍କ (ଏସ୍‌ଓସି) ଏସ୍‌ଏଲ୍‌ଡିସି ନିକଟରେ ଦାଖଲ କରିବେ | ୧୨୭.୬୮୬ | ୧୦.୬୪୧ |
| ୩. | ବିଦ୍ୟୁତ୍ ଉତ୍ପାଦନ ସଂସ୍ଥା ଓ ବିକ୍ରେତାମାନେ ବ୍ୟବସ୍ଥା ପରିଚାଳନା ଶୁଳ୍କ (ଏସ୍‌ଓସି) ଓ ବଜାର ପରିଚାଳନା ଶୁଳ୍କ (ଏମ୍‌ଓସି) ଏସ୍‌ଏଲ୍‌ଡିସି ନିକଟରେ ଦାଖଲ କରିବେ (୬୩୩୦.୦୧ ମେଗା ୱାଟ ସାରଣୀ ପ୍ରସ୍ତୁତ/ଉତ୍ପାଦନ କ୍ଷମତାକୁ ନେଇ ମେଗା ୱାଟ ପ୍ରତି ଟଙ୍କା ହିସାବ କରାଯାଇଅଛି) | ୭୩୪.୧୯୬ (ଟ୧୧,୫୯୮.୬୫୪ ମେଗା ୱାଟ ପ୍ରତି) | ୬୧.୧୮୩ (ଟ୯୬୬.୫୫୫ ମେଗା ୱାଟ ପ୍ରତି) |
| ୪. | ବିତରଣ ଲାଇସେନ୍ସଧାରୀ ଓ କ୍ରେତାମାନେ ବ୍ୟବସ୍ଥା ପରିଚାଳନା ଶୁଳ୍କ (ଏସ୍‌ଓସି) ଓ ବଜାର ପରିଚାଳନା ଶୁଳ୍କ (ଏମ୍‌ଓସି) ଏସ୍‌ଏଲ୍‌ଡିସି ନିକଟରେ ଦାଖଲ କରିବେ | ୭୩୪.୧୯୬ | ୬୧.୧୮୩ |
| ୫. | (I) ଟିପିସିଓଡିଏଲ୍ | ୨୪୪.୭୨୫ | ୨୦.୩୯୩ |
| | (ii) ଟିପିଏନ୍‌ଓଡିଏଲ୍ | ୧୫୯.୬୪୯ | ୧୩.୩୦୪ |
| | (iii) ଟିପିଡବ୍ଲୁଓଡିଏଲ୍ | ୨୩୩.୫୨୦ | ୧୯.୪୬୦ |
| | (iv) ଟିପିଏସ୍‌ଓଡିଏଲ୍ | ୯୬.୩୦୨ | ୮.୦୨୬ |

ଏସ୍‌ଏଲ୍‌ଡିସିର ସେବା ଉପଲବ୍ଧ ପାଇଁ ସମସ୍ତ ବ୍ୟବହାରକାରୀ ଯଥା ବିତରଣ ଲାଇସେନ୍ସଧାରୀ, କ୍ରେତା, ଉତ୍ପାଦନ ସଂସ୍ଥା (ସିଜିପି ସହିତ) ଓ ବିକ୍ରେତାମାନଙ୍କ ଠାରୁ ବ୍ୟବସ୍ଥା ପରିଚାଳନା ଶୁଳ୍କ ଓ ବଜାର ପରିଚାଳନା ଶୁଳ୍କ ଏସ୍‌ଏଲ୍‌ଡିସି ବିଲ୍ ପ୍ରଦାନ କରି ଆଦାୟ କରିବ। ଏଥି ସହିତ ଏସ୍‌ଏଲ୍‌ଡିସି ଏହାର ସେବା ପ୍ରଦାନ ପାଇଁ ଆନ୍ତଃରାଜ୍ୟ ସରବରାହ ଲାଇସେନ୍ସଧାରୀ (ଓପିଟିସିଏଲ୍) ଠାରୁ ବ୍ୟବସ୍ଥା ପରିଚାଳନା ଶୁଳ୍କ ବିଲ୍ ପ୍ରଦାନ କରି ଆଦାୟ କରିବ।

(ଖ) **ଦରଖାସ୍ତ ଫି ଏବଂ ତାଲିକା ପ୍ରସ୍ତୁତି ଶୁଳ୍କ :**
ରାଜ୍ୟ ମଧ୍ୟରେ ଅବସ୍ଥାପିତ ସରବରାହ ବ୍ୟବସ୍ଥାର ବ୍ୟବହାର ଏବଂ ଆନୁସଙ୍ଗିକ ସେବା ନିମନ୍ତେ ଏସ୍.ଏଲ୍.ଡି.ସି ମୁକ୍ତ ପ୍ରବେଶ ଗ୍ରାହକମାନଙ୍କ ଠାରୁ ଓଇଆରସି (ଅନ୍ତଃରାଜ୍ୟ ମୁକ୍ତ ପ୍ରବେଶ ସର୍ତ୍ତ ଓ ନିୟମାବଳୀ) ବିନିମୟ ୨୦୨୦ ଅନୁଯାୟୀ ଆବେଦନ ପତ୍ର ଫି ଏବଂ ସାରଣୀ ପ୍ରସ୍ତୁତ ଶୁଳ୍କ ଆଦାୟ କରିବ।

(ଗ) **ସିକ୍ୟୁରିଟି ଡ଼ିପୋଜିଟ୍ :** ସମସ୍ତ ଗ୍ରାହକ (ବିତରଣକାରୀ ସଂସ୍ଥାମାନଙ୍କ ବ୍ୟତିତ) ଦୁଇମାସର ପ୍ରଯୁଜ୍ୟ ବ୍ୟବସ୍ଥା ପରିଚାଳନା ଓ ବଜାର ପରିଚାଳନା ଶୁଳ୍କ ପରିମାଣ ରାଶି ନିର୍ଦ୍ଧାରିତ ଦେୟ ପ୍ରଦାନ ବିଫଳତା ଜନିତ ସିକ୍ୟୁରିଟି ବାବଦରେ ଅଗ୍ରୀମ ପ୍ରଦାନ କରିବେ।

(ଘ) **ପଞ୍ଜୀକରଣ ଫି :** ଏସ୍‌ଏଲ୍‌ଡିସି ସମସ୍ତ ରାଜ୍ୟମଧ୍ୟସ୍ଥ ସରବରାହ ବ୍ୟବସ୍ଥା ଓ ଏହାର ଆନୁସଙ୍ଗିକ ସେବା ବ୍ୟବହାରକାରୀ ମାନଙ୍କଠାରୁ ଏକଥରପାଇଁ ୧.୦୦ ଲକ୍ଷ ଟଙ୍କା ପ୍ରତି ବ୍ୟବହାରକାରୀ ମାନଙ୍କଠାରୁ ପଞ୍ଜୀକରଣ ଶୁଳ୍କ ଆଦାୟ କରିବ।

(ଙ) **ବିଳମ୍ବ-ଦେୟ ଅଧିଶୁଳ୍କ :** ଗ୍ରାହକମାନେ ବିଲ୍ ପରିମାଣ, ବିଲ୍ ପ୍ରସ୍ତୁତି ଦିବସର ୬୦ ଦିନ ପରେ ପ୍ରଦାନ କଲେ, ଏସ୍‌ଏଲ୍‌ଡିସି ଅନାଦେୟ ବିଲ୍ ପରିମାଣ ଉପରେ ମାସ ପ୍ରତି ୧.୨୫% ହିସାବରେ ବିଳମ୍ବ-ଦେୟ ଅଧିଶୁଳ୍କ ଆଦାୟ କରିବ।

**୨.** ଉପରିସ୍ଥ ପାରା ୧ରେ ଦର୍ଶାଯାଇଥିବା ଏସ୍‌ଏଲ୍‌ଡିସି କାର୍ଯ୍ୟ ସମ୍ପାଦନ ନିମନ୍ତେ ଫି ଏବଂ ଶୁଳ୍କ ତା. ୦୧.୦୪.୨୦୨୪ ରିଖରୁ କାର୍ଯ୍ୟକାରୀ ହେବ ଏବଂ ଆୟୋଗଙ୍କ ଅନ୍ୟାଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ।

**୩.** ଆୟୋଗଙ୍କ ବିସ୍ତୃତ ଆଦେଶନାମା ତାଙ୍କର ୱେବସାଇଟ୍ **www.orierc.org**, ଓପିଟିସିଏଲର ୱେବ୍‌ସାଇଟ୍ **www.optcl.co.in** ଏବଂ ଏସ୍‌ଏଲ୍‌ଡିସିର ୱେବ୍‌ସାଇଟ୍ **www.sldcorissa.org.in** ରେ ଉପଲବ୍ଧ।

ଭୁବନେଶ୍ୱର HIPR-69/2023-24 ସ୍ୱା/-

ତା. ୧୩.୦୨.୨୦୨୪ ଚିଫ୍ ଲୋଡ୍ ଡେସ୍ପାଚର, ଏସ୍‌ଏଲ୍‌ଡିସି, ଓପିଟିସିଏଲ୍